## ସଂକ୍ଷେପରେ

### ଆକ୍ରମଣ କରି ବିଦ୍ୟୁତ୍ ତାର ଚୋରି ଘଟଣା
### ୬ ଅଭିଯୁକ୍ତ ଗିରଫ, ଜଣେ ଫେରାର



ଅମ୍ବାଦଳା,୧୨।୮(ରବୀନ୍ଦ୍ର ପଣ୍ଡା)

ବିଦ୍ୟୁତ୍ ତାର ଚୋରି କରିଥିବା ୬ ଜଣଙ୍କୁ ଅମ୍ବାଦଳା ପୋଲିସ ଗିରଫ କରିଛି। ସେମାନେ ହେଲେ ବନ୍ଧଗୁଡା ଗ୍ରାମର ସୁବାସ ନୁଁହ୍କା, ଅସୁରପଡାର ବେଣୁଧର ଶଗଡିଆ, ଗୋପବନ୍ଧୁ ହିଆଲ, ଜିତୁ ହିଆଲ, ମୁନା ଜାକେଶିକା ଏବଂ ସୁରେନ୍ଦ୍ର କାଡ୍ରାକା। ଅନ୍ୟ ଜଣେ ଅଭିଯୁକ୍ତ ଅସୁରପଡାର ଶିବ ବାତ୍ରା ଫେରାର ହୋଇଯାଇଛନ୍ତି। ଖବରରୁ ଜଣାପଡିଛି ଚଳିତ ମାସ ୪ ତାରିଖ ସକାଳେ ବିଦ୍ୟୁତ୍ ତାର ବୋଝେଇ ଏକ ଟ୍ରଲର ରାଜସ୍ଥାନରୁ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ କମ୍ପାନୀକୁ ଯାଉଥିଲା। ଏହି ସମୟରେ ୭ ଜଣ ଦୁର୍ବୃତ୍ତ ୫ଟି ବାଇକ୍‌ରେ ଆସି ଅମ୍ବାଦଳା ଥାନା ଅଧୀନ ଅସୁରପଡା ଗ୍ରାମ ନିକଟରେ ଟ୍ରଲରକୁ ଅଟକାଇ ଖଣ୍ଡା କାତିରେ ଆକ୍ରମଣ କରିଥିଲେ। ସେମାନେ ଗାଡିର କାଚ ଭାଙ୍ଗିଦେଇ ୮ ବଣ୍ଡଲ ବିଦ୍ୟୁତ୍ ତାର ନେଇ ଚମ୍ପଟ ମାରିଥିଲେ। ସମ୍ପୃକ୍ତ ଗାଡି ଡ୍ରାଇଭର ଗୁପ୍ତ ସିଂ ଏ ନେଇ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନଂ. ୧୭୪/୨୪ରେ ଏକ ଡକାୟତି ମାମଲା ରୁଜୁ କରି ପୋଲିସ ତନାଘନା ଚଳାଇଥିଲା। ଆଇଆଇସି କଳ୍ପନା ବେହେରାଙ୍କ ନେତୃତ୍ୱରେ ୧୧ ତାରିଖରେ ଏହି ଡକାୟତିରେ ସମ୍ପୃକ୍ତ ଉପରୋକ୍ତ ୬ଜଣଙ୍କୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ୮ ବଣ୍ଡଲ ବିଦ୍ୟୁତ୍ ତାର ସହ ଗୋଟିଏ ଲୁହାକାତି, ଗୋଟିଏ କଟୁରୀ ଏକ ପଲସର ବାଇକ୍ (ଓଡି ୧୮ ଏମ- ୩୪୩୭) ଜବତ ହୋଇଛି। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମ କହିଛନ୍ତି।

### ରାସ୍ତାରୁ ମୃତଦେହ ଜବତ

କୋରାପୁଟ/ନାରାୟଣପାଟଣା,୧୨।୮
(ଅମିତାଭ ବେହେରା/ ରାଜ କିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର କୁମ୍ବାରି-ମାଣ୍ଡିଆଗୁଡା ରାସ୍ତା କଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଚିନ୍ତାଗୁଡା ଗ୍ରାମର ଜିରା ସିରିକା (୪୫)। ସେ ରବିବାର ଅପରାହ୍ନରେ ଘରୁ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ସୋମବାର ସକାଳୁ ତାଙ୍କ ମୃତଦେହ ରାସ୍ତାରେ ପଡିଥିଲା । କେତେଜଣ ଜିରାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଜିରାଙ୍କ ସ୍ତ୍ରୀ ସନାଇ ନାରାୟଣପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪/୨୪ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିଛି । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସଆଇ ପ୍ରଫୁଲ୍ଲ ପାତ୍ର କହିଛନ୍ତି। ମୃତକ ଜିରାଙ୍କ ବେକରେ, ହାତରେ ଗଭୀର କଟାଦାଗ ରହିଥିବା ଜଣାପଡିଛି। ଫଳରେ ଗ୍ରାମବାସୀ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି।

# ସପ୍ତାହକ ମଧ୍ୟରେ ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ

- ରବିବାର ରୋଗରେ ପ୍ରାଣ ହରାଇଲେ ୧୯ ବର୍ଷୀୟ ଯୁବକ
- ମୃତଦେହ ତାମିଲନାଡ଼ୁରୁ ଆଣିବା ସହ ମୃତ୍ୟୁର ତଦନ୍ତ ଦାବିକଲେ ପରିବାର

ରାୟଗଡ଼ା/କାଶୀପୁର,୧୨।୮
(ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ)



ମୃତ ରମେଶ ଝୋଡ଼ିଆ।



ମୃତ ରମେଶଙ୍କ ମାମୁ ସହକାରୀ ଶ୍ରମ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି ।

ଟଙ୍କା ରୋଜଗାର କରି ପରିବାର ଗୁଜୁରାଣ ମେଣ୍ଟାଇବାକୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ଦିନରାତି ଖଟି ଟଙ୍କା ଉପାର୍ଜନ କରୁଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏଭଳି ରାୟଗଡ଼ା ଜିଲାରେ ବଢ଼ି ଚାଲିଛି ଦାଦନ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା। ସପ୍ତାହକ ମଧ୍ୟରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୭ରେ କାଶୀପୁର ବ୍ଲକ୍ ମାଣ୍ଡିବିଶି ପଞ୍ଚାୟତ ଭଣ୍ଡାପାଇ ଗ୍ରାମର ତୁଳେଶ୍ୱର ଗୌଡ଼(୪୨)ଙ୍କର ବିଜୟନଗରମ୍ ଏବଂ ୯ ତାରିଖରେ କାଶୀପୁର ବ୍ଲକ୍ ଟାଙ୍ଗେସଖାଲ ଗ୍ରାମର ନବୀନ ପ୍ରଧାନୀ(୩୯)ଙ୍କ କେରଳ ପାଲାକ୍କାଡ଼୍‌ରେ ମୃତ୍ୟୁ ହୋଇଛି। ଏଥିସହ ତାମିଲନାଡୁର ଅମରାବାଣ୍ଡିରେ ଦାଦନ ଖଟିବାକୁ ଯାଇଥିବା କାଶୀପୁର ବ୍ଲକ୍ ହାଡ଼ିଗୁଡ଼ା ପଞ୍ଚାୟତ ଲଚୁଗୁଡ଼ା ଗାଁର ରମେଶ ଝୋଡ଼ିଆ(୧୯)ଙ୍କର ରବିବାର ରାତିରେ ମୃତ୍ୟୁ ହୋଇଯାଇଛି।

ସୂଚନାନୁଯାୟୀ, ରମେଶ ୨ ବର୍ଷ ହେବ ଅମରାବାଣ୍ଡିରେ ଏକ ଫାର୍ମ ହାଉସରେ ଶ୍ରମିକ ଭାବେ କାମ କରୁଥିଲେ। ରମେଶ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ପାଲାନିସ୍ଥିତ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସମ୍ପର୍କରେ ତାଙ୍କ ସହ କାମ କରୁଥିବା ଅନ୍ୟ ଜଣେ ଯୁବକ ରମେଶଙ୍କ ମାମୁ ମନୋହର ଝୋଡ଼ିଆଙ୍କୁ ରବିବାର ଫୋନ୍‌ରେ ଜଣାଇଥିଲେ। ଏହାର କିଛି ଘଣ୍ଟା ପରେ ରମେଶଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ମନୋହରଙ୍କୁ ଫୋନ୍ ଆସିଥିଲା। ରମେଶଙ୍କ ମୃତଦେହ ସେଠାରୁ ଆଣିବାକୁ ପରିବାର ଲୋକେ ସୋମବାର ରାୟଗଡ଼ା ଆସି ଦୀର୍ଘ ସମୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅପେକ୍ଷା କରିଥିଲେ। ସେଠାରୁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ରଇତଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ରମେଶଙ୍କ ମୃତଦେହ ଆଣିବା ସହ ମୃତ୍ୟୁର ତଦନ୍ତ କରିବାକୁ ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ରମେଶଙ୍କ ମୃତଦେହ ଆଣିବା ସହ ଘଟଣାର ତଦନ୍ତ କରାଯିବ ବୋଲି ସହକାରୀ ଶ୍ରମ ଅଧିକାରୀ ରଇତ କହିଛନ୍ତି।

# ଜାତୀୟ ଆଣ୍ଟି ରାଗିଂ ସଚେତନତା




ବିଶ୍ୱ ବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରଙ୍କ ବାହାରିଥିବା ଶୋଭାଯାତ୍ରା।

ଗୁଣପୁର, ୧୨।୮(ପ୍ରଦୀପ କୁମାର ପାଢ଼ୀ )

**ଜିଆଇଇଟି ବିଶ୍ୱ ବିଦ୍ୟାଳୟ**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟରେ ଜାତୀୟ ଜାତୀୟ ଆଣ୍ଟି ର୍ୟାଗିଂ ସଚେତନତା ଦିବସ ସୋମବାର ପାଳିତ ହୋଇଛି। କୁଳପତି ଡ. ଏଭିଏନଏଲ ଶର୍ମା ଯୋଗ ଦେଇ ଆଜିର ଦିନରେ ସମସ୍ତେ ପ୍ରତିବଦ୍ଧତା ହେବା, ଛାତ୍ରୀଛାତ୍ର କୌଣସି ପ୍ରକାର ର୍ୟାଗିଂ ନ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ, ବ୍ୟାନର ମାଧ୍ୟମରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ଆଦର୍ଶ ଥାନାର ଏସ୍‌ଆଇ ରଞ୍ଜିତ ତ୍ରିପାଠୀ ଯୋଗ ଦେଇ ର୍ୟାଗିଂର ଅପକାରିତା ବିଷୟ ସୂଚନା ଦେଇ ଥିଲେ। ବିଶ୍ୱ ବିଦ୍ୟାଳୟ ସ୍କୁଲ୍ ଅଫ୍ ଇଂଜିନିୟରିଂ ଡିନ ଏବି ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ ପି. ବିଜୟ କୁମାର, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବାଣୀ ପ୍ରସାଦ ନାୟକ, ସମର ଶିକ୍ଷାର୍ଥୀ ବାହିନୀର ସିଟିଓ ତାପସ ପାଣିଗ୍ରାହୀ, ଡିନ ଷ୍ଟୁଡେଣ୍ଟସ ଆଫାଏରସ ପ୍ରଫେସର୍ ରଞ୍ଜିତ ପାଣିଗ୍ରାହୀଙ୍କ ସମେତ ସମସ୍ତ ବିଭାଗର ଅଧ୍ୟାପିକା ଅଧ୍ୟାପିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



ରାୟଗଡ଼ା ଜିଲାପାଳ ଭାବେ ସୋମବାର ପାରୁଲ ପଟୱାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଅନ୍ତରଝୋଲି ଛକରେ ୨ ବାଇକ୍ ମୁହାଁମୁହିଁ ଧକ୍କା
### ୩ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

ପଦ୍ମପୁର,୧୨।୮(ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଅନ୍ତରଝୋଲି ପାଖରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ପଦ୍ମପୁର ମେଡିକାଲ ଅଣାଯାଇଥିଲେ ମଧ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ଗୁମୁଡା ପଟରୁ ବାଇକ୍ ଯୋଗେ ନାଇରା ପଞ୍ଚାୟତ ପୂଜାବିଲ ଗ୍ରାମର ରବି ଶବର (୨୪),ଆକାଶ ଶବର (୨୦),ବାସୁ ଶବର (୪୦) ବାଇକ୍ ଯୋଗେ ପଦ୍ମପୁରକୁ କୌଣସି କାର୍ଯ୍ୟରେ ଆସୁଥିବା ବେଳେ ବିପରୀତ ଦିଗରୁ ପଦ୍ମପୁରରୁ ଯାଉଥିବା ବାଇକ୍ ଆରୋହୀ ନିଳାଦ୍ରୀ ଲିମା(୨୫) ( ରାମନାଗୁଡା ବ୍ଲକ ଦେଉଳା)ଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ନୀଳାଦ୍ରିଙ୍କ ବାମ ଗୋଡ଼ ହାଡ଼ ଭାଙ୍ଗି ପଦାକୁ ବାହାରି ପଡଥିଲା। ସେହିପରି ରବି,ବାସୁ ଓ ଆକାଶଙ୍କ ଗୋଡ଼,ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସମସ୍ତ ୪ଜଣଙ୍କୁ ପଦ୍ମପୁର ମେଡିକାଲକୁ ସ୍ଥାନୀୟ ବିପଦର ବନ୍ଧୁ ସଂଗଠନ ସଭାପତି ସୁଶାନ୍ତ ସାହୁ, କିଶୋର ରାଓ, ସାମାଜିକକର୍ମୀ ଅଦିତ୍ୟ ମିଶ୍ର, ଦେବାଶିଷ ମିଶ୍ର ସ୍ଥାନୀୟ ଲୋକମାନେ ପଦ୍ମପୁର ମେଡିକାଲକୁ ଆଣି ଥିଲେ ମଧ୍ୟ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ପଠାଯାଇଥିବା ଜଣାପଡିଛି।

# ଚନ୍ଦ୍ରପୁରରେ ଖୋଲିବ ଜେଏମ୍‌ଏଫ୍‌ସି କୋର୍ଟ

ଗୁଣପୁର,୧୨।୮(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଚନ୍ଦ୍ରପୁରଠାରେ ଖୋଲିବ ଜେଏମ୍‌ଏଫ୍‌ସି କୋର୍ଟ । ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ପକ୍ଷରୁ ଏହାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ସମ୍ପର୍କରେ ଚନ୍ଦ୍ରପୁରଠାରେ ଭିତ୍ତିଭୂମି ଅନୁଧ୍ୟାନ କରିବା ପାଇଁ ଜିଲା ଜଜଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୭୪ଟି ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପରିପ୍ରେକ୍ଷୀରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଚନ୍ଦ୍ରପୁରରେ କୋର୍ଟ ଖୋଲିବା ପାଇଁ ସମସ୍ତ ଭିତ୍ତିଭୂମି ଯଥା କୋର୍ଟ ନିମନ୍ତେ ସରକାରୀ କୋଠା, ଜଜଙ୍କ ରହିବା ନିମନ୍ତେ ବାସସ୍ଥାନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ କୁହାଯାଇଛି।

# ସର୍ବୋଦୟ ସମିତିର ଧ୍ୟାନ ଆକର୍ଷଣକାରୀ ସତ୍ୟାଗ୍ରହ



ରାୟଗଡ଼ା,୧୨।୮(ଆଶିଷ ରଞ୍ଜନ ପଣ୍ଡା)

୨୦୨୩ ଅଗଷ୍ଟ ୧୨ରେ ଉତ୍ତରପ୍ରଦେଶ ରାଜ୍ୟ ବାରାଣାସୀସ୍ଥିତ ଗାନ୍ଧୀ ଆଶ୍ରମକୁ ସରକାର ବେଆଇନ ଭାବେ ଭାଙ୍ଗି ନିଜ ଦଖଲକୁ ନେଇଥିବା ପ୍ରତିବାଦରେ ସୋମବାର ଜିଲା ସର୍ବୋଦୟ ମଣ୍ଡଳ ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଏକ ଧ୍ୟାନ ଆକର୍ଷଣକାରୀ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ପ୍ରେମୀମାନେ ଉପସ୍ଥିତ ରହି ବାରାଣାସୀଠାରେ ପୁନଃ ଗାନ୍ଧୀ ଆଶ୍ରମ ସ୍ଥାପନ କରାଯିବାକୁ ଦାବି କରିଛନ୍ତି ।

# କଦମାରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

ଗୁଡାରି, ୧୨।୮ (ପ୍ରମୋଦ କୁମାର ପତି )

ଗୁଡାରି ବ୍ଲକ ଅନ୍ତର୍ଗତ କଦମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବରଙ୍କ ସଭାପତିତ୍ୱରେ ହୋଇଥିବା ଏହି ଶିବିରରେ ବ୍ଲକର ବିଭିନ୍ନ ବିଭାର ଅଧିକାରୀ ମାନେ ଯୋଗ ଦେଇଥିଲେ। ବିପିଏମ ମାନସ ବାରିକ ପରିଚାଳନା କରିଥିଲେ। ଶିବିରରେ ମୋଟ ୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ଶୁଣିବା ପରେ ସମସ୍ୟା ଗୁଡିକର ଶୀଘ୍ର ସମାଧନ କରିବାକୁ ଅଧକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଇଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ୮୯ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ



ଉପଜିଲାପାଳ କିରଣଦୀପ କୌର ସାହୋଟା ଅଭିଯୋଗ ଶୁଣୁଛନ୍ତି ।

ରାୟଗଡ଼ା,୧୨।୮(ଆଶିଷ ରଞ୍ଜନ ପଣ୍ଡା)

ରାମନାଗୁଡ଼ା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ କହଁର, ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋଟା, ସିଡିଏମଓ ଡ.ଲାଲ ମୋହନ ରାଉତରାୟ, ରାମନାଗୁଡ଼ା ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ବିଡ଼ିଓ ପବିତ୍ର ମଣ୍ଡଳ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିରେ ମୋଟ ୮୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୫୭ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୂହିକ ଅଭିଯୋଗ ଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ମୁନିଗୁଡ଼ା ବିକାଶ ପରିଷଦ କମିଟି ପୁନର୍ଗଠିତ

ମୁନିଗୁଡ଼ା,୧୨।୮
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ହନୁମାନ ମନ୍ଦିର ପରିସରରେ ମୁନିଗୁଡା ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୨୦୨୪/୨୫ ପାଇଁ ନୂତନ ପରିଷଦ ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ପୁଣି ଥରେ ସଭାପତି ଭାବେ ଘନଶ୍ୟାମ ମାର୍ଥା ସମ୍ପାଦକ ଭାବେ ମାନସ ରଞ୍ଜନ ବେହେରା, କୋଷାଧକ୍ଷ ଭାବେ ମନୋଜ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ରୂପେ ଜି.କୁମାର ରାଜୁ, ଧରଣୀ ବେହେରା, ସହ ସମ୍ପାଦକ ଭାବେ ଅଜିତ୍ ନାୟକ, ବିଶିକେଶନ ପଲକିଆ ଓ ସାମାଜିକ ସମ୍ପାଦକ ଭାବେ ସୁଜିତ୍ ପ୍ରଧାନଙ୍କୁ ଚୟନ କରାଯାଇଛି। ଆଗାମୀ ସ୍ୱାଧୀନତା ଦିବସ ପରିଷଦ ପକ୍ଷରୁ କିପରି ସୂଚାରୁରୂପେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର, ବିକାଶ ପରିଷଦ ଉପଦେଷ୍ଟା ଭି.ଚନ୍ଦ୍ରଶେଖର, ସମାଜିକ କର୍ମୀ ଜାମି ମେହେଶ, ଭାଗୀରଥି ନାଗ, ଚକ୍ରପାଣି ମାର୍ଥା, ଭାଜପା ବରିଷ୍ଠ ନେତେ ଜି. ବୀରଭଦ୍ର ଆଚାରିଙ୍କ ସହ ବିଭିନ୍ନ ୱାର୍ଡର ସଭ୍ୟମାନେ ଉପସ୍ଥିତ ଥିଲେ।



ସଦସ୍ୟମାନଙ୍କ ଗହଣରେ ନବନିର୍ବାଚିତ କର୍ମକର୍ତ୍ତାମାନେ।

# ନିଶାମୁକ୍ତ ଭାରତ, ବିକଶିତ ଭାରତ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର,କର୍ମଚାରୀ,ଅଧ୍ୟାପିକା ଅଧ୍ୟାପକ ।

ଗୁଣପୁର,୧୨।୮(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର କଲେଜରେ ନିଶାମୁକ୍ତ ଭାରତ ଏବଂ ବିକଶିତ ଭାରତ କାର୍ଯ୍ୟକ୍ରମ ଅବସରରେ ସୋମବାର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ଏବଂ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୁଣପୁର କଲେଜ ଅଧକ୍ଷ ଶଶୀ ଭୂଷଣ ମହାନ୍ତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ଶପଥପାଠ କରିଥିଲେ। ନିଶାମୁକ୍ତ ସମାଜର ଆବଶ୍ୟକତା ଏବଂ ନିଶାଗ୍ରସ୍ତ ବ୍ୟକ୍ତି ବିଶେଷରେ ପରିବାର ଏବଂ ସମାଜପ୍ରତି ଅପକାରିତା ବିଷୟରେ ଛତ୍ରୀଛତ୍ରଙ୍କୁ ସଚେତନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏନ୍‌ସିସି ଲ୍ୟୁଟେନାଣ୍ଟ ଜିଜେନ୍ଦ୍ର ବଡମୁଣ୍ଡି, ଏନ୍‌ଏସ୍‌ଏସ୍‌ର ଲକ୍ଷ୍ମଣ ଶବର ଓ ୟୁଥ ଏବଂ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ଦେବୀ ପ୍ରସାଦ ରାଉତ ପରିଚାଳନା କରିଥିଲେ। ଏଥିରେ ଯୁକ୍ତ ୨ ଏବଂ ଯୁକ୍ତ ୩ର ଶତାଧିକ ଛାତ୍ରୀଛତ୍ର ଉପସ୍ଥିତ ରହି ଶପଥ ପାଠ କରିଥିଲେ । କଲେଜ କର୍ମଚାରୀ, ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ରହି ପିଲାଙ୍କୁ ମାର୍ଗ ଦର୍ଶନ କରିଥିଲେ।

## ସ୍ପଷ୍ଟୀକରଣ

ଚଳିତ ମାସ ୨ ତାରିଖ ଶୁକ୍ରବାର ଧରିତ୍ରୀର ରାୟଗଡ଼ା ସଂସ୍କରଣରେ 'ହାଲ୍ ବିସ୍ଥାପିତ ପରିବାରକୁ ଗୁରୁତ୍ୱ ଦେଉନି ଜିଲା ପ୍ରଶାସନ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରଟି ବିସ୍ଥାପିତ ସଂଘର ସଭାପତି ଓ ଜିଲାପାଳଙ୍କ ପ୍ରତିକ୍ରିୟାକୁ ଆଧାର କରି କରାଯାଇଥିଲା। ଏଥିରେ ଧରିତ୍ରୀର ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ପକ୍ଷରୁ କୌଣସି ପ୍ରକାରର ନିଜସ୍ୱ ମତ ଦିଆଯାଇ ନ ଥିଲା। ଏପରି କି ଉକ୍ତ ଖବର ପ୍ରକାଶ ପୂର୍ବରୁ ହାଲ୍‌ର ଅଧିକାରୀଙ୍କ ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରି ନ ଥିଲା। ତେବେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ହାଲ୍ ଭଳି ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିରୋଧରେ କୌଣସି ପ୍ରକାର ଭିତ୍ତିହୀନ ଏବଂ ମିଥ୍ୟା ଖବର ପ୍ରକାଶ କରିବା ଆମର ଉଦ୍ଦେଶ୍ୟ ନୁହେଁ।

# ବ୍ଲକ୍ ଘେରିଲେ ଛାତ୍ରୀଛାତ୍ର, ଅଭିଭାବକ

- ବରଗୁଡ଼ା ବିଦ୍ୟାଳୟ ସମସ୍ୟା
- ଦାବି ଜଣାଇବାକୁ ଆସି ଖରାରେ ୩ ଘଣ୍ଟା ଅପେକ୍ଷାକଲେ ଛାତ୍ରୀଛାତ୍ର

କୁନ୍ଦୁରା,୧୨।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ମସିଗାଁ ପଞ୍ଚାୟତ ବରଗୁଡ଼ାଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାକୁ ନେଇ ସୋମବାର ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ୧୯୫୯ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ପ୍ରତି ଶିକ୍ଷା ବିଭାଗ କ୍ରମାଗତ ଅଣଦେଖା କରି ଆସୁଛି। ବ୍ଲକ୍ ପ୍ରଶାସନକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ମିଳିବା ପରେ ମଧ୍ୟ ବିଦ୍ୟାଳୟ ସମସ୍ୟା ଦୂରକରିବାରେ ବ୍ଲକ୍ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗତ ୫ ତାରିଖରେ ଜିଲାପାଳଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବରଗୁଡ଼ାବାସୀ ବିଦ୍ୟାଳୟ ଭୁଶୁଡ଼ିବା ଅବସ୍ଥାରେ ରହିଥିବା ନେଇ ଅଭିଯୋଗ କରିଥିଲେ। ଏ ଦିଗରେ ପଦକ୍ଷେପ ନେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ୭ ଦିନ ପରେ ମଧ୍ୟ ବିଡିଓ ପରିଦର୍ଶନରେ ବିଦ୍ୟାଳୟକୁ ନ ଯିବା ଦେଖି ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ବ୍ଲକ୍ କାର୍ଯ୍ୟାଳୟ ଘେରିଥିଲେ। ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୩ଘଣ୍ଟା ଛାତ୍ରୀଛାତ୍ର ଛିଡ଼ାହୋଇ ବିଡିଓଙ୍କୁ ଅପେକ୍ଷା କରିଥିଲେ ମଧ୍ୟ ବିଡିଓ କପିଳେଶ୍ୱର ତାଣ୍ଡି ଜନଶୁଣାଣି ଶିବିରରୁ ଆସି ନ ଥିଲେ। ୬୫ବର୍ଷର ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ଛାତରୁ ପାଣି ଗଳୁଛି। ଛାତରୁ ସିମେଣ୍ଟ ଖଣ୍ଡମାନ ତଳେ ପଡୁଛି। ୩ ଘଣ୍ଟା ପରେ ବିଡିଓ ଜିଲାପାଳଙ୍କଠାରୁ ସୂଚନା ପାଇ ଧାରଣାସ୍ଥଳକୁ ଆସି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବ୍ଲକ୍ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ରହି ଜାଣିଶୁଣି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଭେଟିବାକୁ ନ ଆସିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ୩ ଘଣ୍ଟା ଧରି ଛାତ୍ରୀଛାତ୍ରମାନେ ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରିବା ଏହା ମାନବାଧିକାର କ୍ଷୁଣ୍ଣ କରୁଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଅଭିଭାବକଙ୍କ ସହ ଆଲୋଚନା ବେଳେ ବିଡିଓ ତାଣ୍ଡି ଗ୍ରାମବାସୀଙ୍କୁ ୧ ମାସ ମଧ୍ୟରେ ବିଦ୍ୟାଳୟ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ରକ୍ଷଣାବେକ୍ଷଣ ନେଇ ୩ ଲକ୍ଷ ଟଙ୍କା ଅନେକ ଦିନ ହେବ ରହିଥିବା ବିଡିଓ ଆଲୋଚନା ବେଳେ ପ୍ରକାଶ କରିଥିଲେ। ପରେ ସେ ବିଦ୍ୟାଳୟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏସମ୍ପର୍କରେ ବିଇଓ ସୁକାନ୍ତ କାର୍ପାନି ଓ ଏବିଇଓ ପପେୟା ବେହେରାଙ୍କୁ ଫୋନ ଯୋଗେ ପଚାରିବାରୁ ବିଦ୍ୟାଳୟର ମମସ୍ୟା ସମ୍ପର୍କରେ ଉଭୟେ ପୂର୍ବରୁ ବ୍ଲକ୍ ପ୍ରଶାସନକୁ ଅବଗତ କରାଇଥିବା କହିଥିଲେ।


ଅଭିଭାବକମାନଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

# 'ଖବରଦାତା ସୁସ୍ଥ, ବିକଶିତ ସମାଜ ଗଠନରେ ଭୂମିକା ନିଅନ୍ତୁ'



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି।

**ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ଜୟପୁର,୧୨।୮ (ପବନ ପାଣିଗ୍ରାହୀ)

ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କୋରାପୁଟ ଜିଲା ସଭାପତି କେ.ଶ୍ରୀନିବାସ ରାଓଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବିଭୂତି ଭୂଷଣ କର ସଭାପତିତ୍ୱ କରିଥିଲେ। ସେ ସଂଘ ପକ୍ଷରୁ ପୂର୍ବରୁ ଖବରଦାତାଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦେଇଥିବା ଦାବିପତ୍ର ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିରେ କିଛି ଦାବି ପୂରଣ ହୋଇଥିବା ବେଳେ ବହୁ ଦାବି ଏବେ ବି ପୂରଣ ହେବା ପାଇଁ ବାକି ରହିଛି ବୋଲି କର ଉପସ୍ଥିତ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଖବରଦାତାମାନେ ନିରପେକ୍ଷ ହେବା ସହ ସୁସ୍ଥ ଓ ବିକଶିତ ସମାଜ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଖବରଦାତାଙ୍କ ସୁରକ୍ଷା, ପେନ୍‌ସନ , ମୃତ୍ୟୁ କିମ୍ବା ଦୁର୍ଘଟଣାରେ ମୃତ୍ୟୁ ହେଲେ ସେମାନଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦିଗରେ ପୂର୍ବରୁ ବହୁ ଥର ବିଧାନସଭାରେ ଉପସ୍ଥାପନ କରିଥିଲେ ବୋଲି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପୂର୍ବରୁ ବିରୋଧୀ ଦଳ ମୁଖ୍ୟ ସଚେତକ ଥିଲେ। ସେ ମଧ୍ୟ ଖବରଦାତାମାନଙ୍କ ପ୍ରମୁଖ ସମସ୍ୟା ନେଇ ଭଲ ଭାବେ ପରିଚିତ ଅଛନ୍ତି। ଏ ଦିଗରେ ପୁନର୍ବାର ତାଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବାହିନୀପତି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ନବରଙ୍ଗପୁର ଜିଲା ସଭାପତି ହୃଷୀକେଶ ମିଶ୍ର, ମାଲକାନଗିରି ଜିଲା ସଭାପତି ଦୁର୍ଯ୍ୟୋଧନ ପାତ୍ର, ରାୟଗଡ଼ା ଜିଲା ସଭାପତି ସୁରେଶ ଦାଶ ପ୍ରମୁଖ ଅନ୍ୟତମ ଅତିଥି ରୂପେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଖବରଦାତା ଭି.ଭାସ୍କର ରାଓ, ମନୋଜ ଦାଶ(୧) ଓ ମନୋଜ ଦାଶ(୨), ସାମାଜିକ କର୍ମୀ ସଞ୍ଜୟ ଜେନ୍, ଜେ.ଶ୍ରୀନିବାସ ରାଓ, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ନୃସିଂହନାଥ ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲାର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ସଭାପତି ପି. ପ୍ରକାଶ, ଟୁଟୁ ପଟ୍ଟନାୟକ, କିରଣ ପଟ୍ଟନାୟକ, ସ୍ୱାଧୀନ ପଣ୍ଡା, ମଧୁସୂଦନ ସାହୁ, ଈଶ୍ୱର ରାଓ ପ୍ରମୁଖ ୫୧ଜଣ ସଭ୍ୟଙ୍କୁ ନେଇ ଉତ୍କଳ ସାମ୍ବାଦିକ ସଂଘରେ ଯୋଗ ଦେଇଥିଲେ। ସଂଘ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା।

## ସଂକ୍ଷେପରେ

### ଏଡବିନ୍ ସଭାପତି, ବିଜୟ ସାଧାରଣ ସମ୍ପାଦକ ନିର୍ବାଚିତ

ଭାରି ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘର ନିର୍ବାଚନ

ଦାମନଯୋଡ଼ି,୧୨।୮ (ମାନସ ରଞ୍ଜନ କର)

ଦାମନଯୋଡ଼ିସ୍ଥିତ ଭାରି ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘର ନିର୍ବାଚନ ରବିବାର ଶେଷ ହୋଇଥିଲା। ସୋମବାର ଫଳାଫଳ ପ୍ରକାଶ ପାଇଛି। ସଂଘ ସଭାପତି ଭାବେ ଏଡବିନ୍ ଖରା ଓ ସାଧାରଣ ସମ୍ପାଦକ ରୂପେ ବିଜୟ ବିହାରୀ ପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଅନୀଲ କୁଲଦୀପ କାର୍ଯ୍ୟକାରୀ ସଭାପତି, ବୁଦ୍ଧୁ ଖିଲ ଉପସଭାପତି ଏବଂ ତ୍ରିନାଥ ଖରା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ରବିବାର ଅନୁଷ୍ଠିତ ନିର୍ବାଚନରେ ୨୫୪ ଜଣ ସଦସ୍ୟ ମତଦାନ କରିଥିଲେ। ମତଦାନ ଶେଷ ପରେ ଅପରାହ୍ନ ୫ଟାରେ ଭୋଟ ଗଣତି ହୋଇଥିଲେ ମଧ୍ୟ ଫଳାଫଳ ପ୍ରକଶ ପାଇ ନ ଥିଲା। ଆଗାମୀ ଦିନରେ ଡ୍ରାଇଭରମାନଙ୍କ ପ୍ରତ୍ୟେକ ସମସ୍ୟାରେ ସହଯୋଗ କରିବେ ବୋଲି ନିର୍ବାଚିତ ପ୍ରତିନିଧିମାନେ କହିଛନ୍ତି।

### ଗ୍ରାମଦେବୀ ମା' ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା

ନନ୍ଦପୁର,୧୨।୮ (ସୁନୀଲ କୁମାର ପଣ୍ଡା)

କୋରାପୁଟ ଜିଲା ନନ୍ଦପୁର ଗ୍ରାମଦେବୀ ମା' ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ ହୋଇଛି। ଠାକୁରାଣୀ ନିଜ ଆସ୍ଥାନ ଛାଡ଼ି ଭିତରଗଡ଼ସ୍ଥିତ ମାଁ ଗଙ୍ଗାମାତାଙ୍କ ଗଙ୍ଗାଗୁଡ଼ି ମନ୍ଦିରରେ ରବିବାର ଭୋଗ ଖାଇ ପୁଣି ମନ୍ଦିରକୁ ନିଜ ଆସ୍ଥାନକୁ ବିଜେ କରିଥିଲେ। ଆସନ୍ତା ୯ଦିନ ପର୍ଯ୍ୟନ୍ତ ମା' ଏପରି ନିଜ ଆସ୍ଥାନ ଛାଡ଼ି ଗ୍ରାମରେ ଥିବା ଅନ୍ୟ ଅଧିଷ୍ଠାତ୍ରୀ ଦେବୀ ଏବଂ ତାଙ୍କ ୫ ଭଉଣୀ ଯଥା ମା ଭଣ୍ଡାରଘରଣୀ, ମା ବନଦୁର୍ଗା,ମା ଦୁଆରଶୁଣୀ, ମା କଣ୍ଢୁଣୀଦେବୀ, ସିନ୍ଦୂର ଗଛିଆଣୀଙ୍କ ପୀଠ ପରିକ୍ରମାକରି ଶ୍ରଦ୍ଧାଳୁଙ୍କୁ



ଦର୍ଶନଦେବେ। ଗ୍ରାମକୁ ନକାରାତ୍ମକ ଶକ୍ତିରୁ ସୁରକ୍ଷା ଦେବା ପାଇଁ ଗ୍ରାମଦେବୀ ମା' ଠାକୁରାଣୀ ଏପରି ନିଜ ଆସ୍ଥାନ ଛାଡ଼ି ୯ଦିନ ଗ୍ରାମ ପରିକ୍ରମା କରିବା ପରମ୍ପରା ରହିଛି। ମା'ଙ୍କ ଗ୍ରାମ ପରିକ୍ରମା ସମୟରେ ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କ ସମାଗମ ହେଉଛି।

# ଶିଶୁ ସାମ୍ବାଦିକ ତାଲିମ ଶିବିର

କୋରାପୁଟ/ଦଶମନ୍ତପୁର,୧୨।୮ (ଅମିତାଭ ବେହେରା/ଅରବିନ୍ଦ ନାୟକ)

ଦକ୍ଷତା ବୃଦ୍ଧିତାଲିମ କେନ୍ଦ୍ର କୋରାପୁଟଠାରେ ସୋମବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ପକ୍ଷରୁ ଶିଶୁ ସାମ୍ବାଦିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶମନ୍ତପୁର ଏବଂ ବୋରିଗୁମ୍ମା ବ୍ଲକ୍‌ର ଶିଶୁ ସାମ୍ବାଦିକମାନେ ଯୋଗଦେଇଥିଲେ। ଦଶମନ୍ତପୁର ବ୍ଲକ୍‌ର ପି. ବେଡ଼ାପଦର, ଲୁଲା ଏବଂ ବୋରିଗୁମ୍ମା ବ୍ଲକ୍‌ର ୧୭ଟି ଗ୍ରାମର ଶିଶୁ ସାମ୍ବାଦିକମାନେ ସାମିଲ ହୋଇଥିଲେ। ବରିଷ୍ଠ ଖବରଦାତା ସିଏଚ୍ ସାନ୍ତାକାର ଉପସ୍ଥିତ ଶିଶୁମାନଙ୍କୁ ତାଲିମ ଦେଇଥିଲେ। ଶିଶୁମାନେ କିପରି ନିଜ ଅଞ୍ଚଳରେ ହେଉଥିବା ତାଙ୍କ ଅଧିକାର ସମ୍ପର୍କିତ ବିଷୟବସ୍ତୁକୁ ଗୁରୁତ୍ୱ ଦେବେ ଏବଂ କିପରି ନିଜ ଅଞ୍ଚଳର ସମସ୍ୟା ଖୋଜି ବାହାର କରିବେ ଓ ସେମାନଙ୍କର ଲେଖିବା ଦକ୍ଷତା ବୃଦ୍ଧିହେବ ସେନେଇ ତାଲିମ ବେଳେ ଶିଖାଇଥିଲେ। ପ୍ରକଳ୍ପ ପରିଚାଳିକା ମାମିନା ବେହେରା, ଉମ୍ବୁଧର ମଣ୍ଡି, ପୁଷ୍ପିତା ହିଆଲ, ବେଣୁଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିଶୁମାନେ ସାମ୍ବାଦିକତା ତାଲିମ ନେଉଛନ୍ତି।

## କୁମ୍ଭାରି-ମାଣ୍ଡିଆଗୁଡା ରାସ୍ତାରୁ ମୃତଦେହ ଜବତ

ଶରୀରରେ ଥିବା କ୍ଷତଚିହ୍ନରୁ ହତ୍ୟା ସନ୍ଦେହ

କୋରାପୁଟ/ନାରାୟଣପାଟଣା,୧୨।୮ (ଅମିତାଭ ବେହେରା/ ରାଜ କିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର କୁମ୍ଭାରି-ମାଣ୍ଡିଆଗୁଡା ରାସ୍ତା କଡରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ସେ ହେଲେ ଚିନ୍ତାଗୁଡା ଗ୍ରାମର ଜିରା ସିରିକା (୪୫)। ସେ ରବିବାର ଅପରାହ୍ନରେ ଘରୁ କୌଣସି କାର୍ଯ୍ୟରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ସୋମବାର ସକାଳୁ ତାଙ୍କ ମୃତଦେହ ନାରାୟଣପାଟଣା ବ୍ଲକର କୁମ୍ଭାରି-ମାଣ୍ଡିଆଗୁଡା ରାସ୍ତା ପାର୍ଶ୍ୱରେ ପଡିଥିବା ଦେଖିବାକୁ ମିଳିଥିଲା। କେତେ ଜଣ ବ୍ୟକ୍ତି ଜିରାଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରେ ଜିରାଙ୍କ ସ୍ତ୍ରୀ ସନାଇ ପିଡିକା ନାରାୟଣପାଟଣା ଥାନାରେ ଏନେଇ ସୂଚନା ଦେଇଥିଲେ। ପୋଲିସ ୧୪/୨୪ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ନାରାୟଣପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସଆଇ ପ୍ରଫୁଲ୍ଲ ପାତ୍ର କହିଛନ୍ତି। ମୃତକ ଜିରାଙ୍କ ବେକରେ, ହାତରେ ଗଭୀର କଟାଦାଗ ରହିଥିବା ଜଣାପଡିଛି। ଫଳରେ ଗ୍ରାମବାସୀ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି।

# ମାଲକାନଗିରି ନୂତନ ଜିଲାପାଳ ଦାୟିତ୍ୱ ନେଲେ ଆଶିଷ ଈଶ୍ୱର ପାଟିଲ୍

ମାଲକାନଗିରି, ୧୨।୮ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲାରେ ନୂତନ ଜିଲାପାଳ ଭାବେ ଆଶିଷ ଈଶ୍ୱର ପାଟିଲ୍ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲାର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ନୂତନ ଜିଲାପାଳ ପାଟିଲ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୂର୍ବରୁ ଏଠାରେ ଥିବା ସଚିନ ପାୱାରଙ୍କର କଳାହାଣ୍ଡି ଜିଲାପାଳ ଭାବେ ବଦଳି ହୋଇଛି।

# ଜଙ୍ଗଲ ଅଧିକାର ଅଧିନିୟମ ସପ୍ତାହ ପାଳନ

ମାଲକାନଗିରି/କାଲିମେଳା,୧୨।୮ (ଦୁର୍ଯ୍ୟୋଧନ ପାତ୍ର/ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ତହସିଲ କାର୍ଯ୍ୟାଳୟରେ ଜଙ୍ଗଲ ଅଧିକାର ଅଧିନିୟମ ସପ୍ତାହ ପାଳନ ଅବସରରେ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସରକାରଙ୍କ ଏହି ଜଙ୍ଗଲ ଜମି ଅଧିକାର ଆଇନ ସମ୍ବନ୍ଧରେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ। ଏହା ପରେ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ମୋଟ ୨୦୭ଙ୍କୁ ବିଧାୟାକ ମାଡକାମି ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର, ବିଡିଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।


ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଉଛି ।

# ଗଞ୍ଜେଇ ଜବତ, ୨ ଗିରଫ

କୋରୁକୋଣ୍ଡା, ୧୨।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ୩୬ କିଲୋ ଗଞ୍ଜେଇ ସହ ୨ ଜଣ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲଖନ ସିଂ ଓ ଗୋବିନ୍ଦ ଦାସ ଉଭୟ ଉତ୍ତରପ୍ରଦେଶ କାନାଉଜ୍ ଜିଲା ମିଆଁଗଞ୍ଜ ଓ ଗାଜିପୁରା ଗ୍ରାମର। ଓର୍କେଲ ପୋଲିସ ଏସ୍‌ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ୍ ଚିତ୍ରକୋଣ୍ଡା ଛକ ନିକଟରେ ଜଗିଥିଲେ। ୨ ଚାଲାଣକାରୀ ଚିତ୍ରକୋଣ୍ଡା ଅଞ୍ଚଳରୁ ବସ୍ ଯୋଗେ ଗଞ୍ଜେଇ ନେଉଥିଲା ବେଳେ ବସ୍‌ରେ ପଶି ତଲାସି କରିଥିଲେ। ସେହି ସମୟରେ ବ୍ୟାଗରେ କିଛି ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ବସ୍‌ରୁ ୨ ଚାଲାଣକାରୀଙ୍କୁ ଗିରଫ କରି ଥାନାରେ ପଚରାଉଚରା କରିଥିଲା। ପରେ ଉଭୟ ଚାଲାଣକାରୀ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡାମ୍ବରୁ ଉତ୍ତରପ୍ରଦେଶକୁ ଏହି ଗଞ୍ଜେଇ ନେଉଥିବା କହିଥିଲେ।



# ଆଇନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୨।୮ (ଦୁର୍ଯ୍ୟୋଧନ ପାତ୍ର)

ସ୍ଥାନୀୟ ସରସତୀ ଶିଶୁ ମନ୍ଦିରରେ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସ୍ଥାୟୀ ଲୋକ ଅଦାଲତ ତଥା ଆଇନସେବା ପ୍ରାଧିକରଣ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଅଧକ୍ଷତା କରିଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ମହାରଣା ସ୍ୱାଗତ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଓକିଲ ଅଶୋକ କୁମାର ପଟ୍ଟନାୟକ ଏବଂ ଓକିଲ ରାଜେଶ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଚାରପତି ପାତ୍ର ଓ ପ୍ରତିରକ୍ଷା ଓକିଲ ଗଣ ବିଦ୍ୟାଳୟର ଆଇନ ଶିକ୍ଷା କ୍ଲବ ପରିଚାଳନା ଓ ଏ ସମ୍ପର୍କିତ ସଦସ୍ୟଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ବୁଝାଇବା ସହ ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ଓ ପ୍ରାଧିକରଣଙ୍କ କର୍ଯ୍ୟ ଓ କ୍ଷମତା ସମ୍ପର୍କରେ ସଚେତନ କରିଥିଲେ। ଏଥିରେ ଶିଶୁ ମନ୍ଦିରର ଶତାଧିକ ଛାତ୍ରୀଛାତ୍ର ଓ ଗୁରୁଜୀ ଓ ଗୁରୁମା ପ୍ରମୁଖ ଯୋଗଦାନ କରିଥିଲେ।




# ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ବୈଠକ

ମାଲକାନଗିରି,୧୨।୮ (ଦୁର୍ଯ୍ୟୋଧନ ପାତ୍ର)

କ୍ରାନ୍ତି ଦିବସ ଉପଲକ୍ଷେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ମାଲକାନଗିରି ଜିଲା ତରଫରୁ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଧିକାଂଶ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ। ଓଷ୍ଟା ଜିଲା ସଭାପତି ଅଲେଖ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମନୋଜ କୁମାର ମହାପାତ୍ର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଆଗାମୀ ଦାବୀ ଦିବସ ଅଗଷ୍ଟ ୧୬ରେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଛକରେ ଅନୁଷ୍ଠିତ ହେବାକୁ ଥିବା ଆନ୍ଦୋଳନରେ ଜିଲା ଶିକ୍ଷକମାନେ ସାମିଲ ହେବାକୁ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ବୈଠକରେ ରାଜ୍ୟ ଇସି ମେମ୍ବର ଅଜୟ କୁମାର ସ୍ୱାଇଁ, ମାଲକାନଗିରି ବ୍ଲକ ସମ୍ପାଦକ ଜଗବନ୍ଧୁ ମିଶ୍ର, କାଲିମେଳା ବ୍ଲକ ସମ୍ପାଦକ ଗୋଦାବରୀଶ ଦାସ, କୋରୁକୋଣ୍ଡା ବ୍ଲକ ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, ପଡ଼ିଆ ବ୍ଲକ ସମ୍ପାଦକ ଜିତୁ ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଦାବୀର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯାଇଥିଲା । ଜିଲା ସମ୍ପାଦକ ମନୋଜ କୁମାର ମହାପାତ୍ର ଦାବି ଉପରେ ବିସ୍ତୃତ ଉପସ୍ଥାପନା କରିବା ସହିତ ଦାବିପତ୍ର ପାଠ କରିଥିଲେ। ଜିଲା ଉପ ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ କର୍ମଚାରୀମାନେ ଆଲୋଚନା କରୁଛନ୍ତି ।

# କୁଡୁମୁଲୁଗୁମ୍ମାରେ ବିଧାୟକ ବାଣ୍ଟିଲେ ପଟ୍ଟା

ମାଲକାନଗିରି, ୧୨।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ତହସିଲ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ତହସିଲଦାର ଟୁକୁନୁ ପୁଟା ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦିବାୟୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କିରଣ ନାୟକ, ସରପଞ୍ଚ ମଙ୍ଗଳା ମାଡ଼ୀ ଓ ବନ ଅଧିକାରୀ ଜ୍ୟୋତି ଡୁଙ୍ଗ୍‌ଡୁଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ। ପରିବର୍ତ୍ତନ ସଂସ୍ଥା କର୍ମଚାରୀ ଏସ୍. କେ. ରଜିଦ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଖିଲ କହିଥିଲେ, ଜଙ୍ଗଲ ଜମି ପଟ୍ଟା ପାଇଲା ପରେ ଉକ୍ତ ଜମିକୁ ସମତୁଲକରି ଗୋଟିଏ ଗୋଟିଏ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ। କହିଥିଲେ, ଉକ୍ତ ଜଙ୍ଗଲ ଜମି ଅଧିକାରରୁ ଯେଉଁମାନେ ବଞ୍ଚିତ ହୋଇଛନ୍ତି, ସେମାନେ ଉକ୍ତ ଜମି ପଟ୍ଟା ପାଇବା ନିମନ୍ତେ ରାଜ୍ୟ ସରକାରଙ୍କ ପାଖରେ ଦାବି କରିବେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ ୩ ଗ୍ରାମ ଯଥା ପରଜାପଦର,ନାଲିଗୁଡ଼ା ଓ ଗୋଟିଗୁଡ଼ା ଗ୍ରାମର ପାଖାପାଖି ୧୩୦ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ତହସିଲର କିରାଣି ଲକ୍ଷ୍ମଣ ରାଉତ, ବରିଷ୍ଠ କିରାଣି ସୋମନାଥ ପାତ୍ର, ରାଜସ୍ୱ ନିରୀକ୍ଷକ ରୁଦ୍ରପ୍ରସାଦ ଗୌଡ଼ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

